# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**8 December - 2024**

News Editor *: Itishree Singh Rathaur*

# ଇନ୍‌ପୁଟ ରାଶି ପ୍ରଦାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି କୃଷକଙ୍କୁ ଧାନ ଉପରେ କ୍ୱିଣ୍ଟାଲ ପିଛା ଅତିରିକ୍ତ ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରିବେ । ଖାଦ୍ୟଯୋଗାଣ ଓ ଖାଉଟୀକଲ୍ୟାଣ ବିଭାଗ ପକ୍ଷରୁ ବରଗଡ ଜିଲ୍ଲା ସୋହେଲାଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଧାନର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩ଶହ ଟଙ୍କା ପ୍ରଦାନ କରାଯାଇଥିବାବେଳେ ଅତିରିକ୍ତ ଇନପୁଟ ସହାୟତା ବାବଦରେ ରାଜ୍ୟ ସରକାର ୮ଶହ ଟଙ୍କା ଅତିରିକ୍ତ ପ୍ରଦାନ କରିବେ । ରାଜ୍ୟର ବିଭିନ୍ନ ଜିଲାରେ ଏହି ଉପଲକ୍ଷେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମଗୁଡିକରେ ମନ୍ତ୍ରିମଣ୍ଡଳର ସଦସ୍ୟ, ସଂସଦ ସଦସ୍ୟ ଏବଂ ବିଧାୟକ ପ୍ରମୁଖ ଯୋଗଦେଇ ଇନ୍‌ପୁଟ ରାଶି ପ୍ରଦାନ କରିବେ ।

# ଅଙ୍ଗନବାଡି କେନ୍ଦ୍ର

ରାଜ୍ୟରେ ମୋଟ ୭୪ ହଜାର ୧୯୨ଟି ଅଙ୍ଗନବାଡି କେନ୍ଦ୍ର ରହିଛି । ସେଥିରୁ ଗୋଟିଏ ବ୍ୟତୀତ ଅନ୍ୟ ସମସ୍ତ ମିନି ଅଙ୍ଗନବାଡି କେନ୍ଦ୍ର ନିୟମିତ କେନ୍ଦ୍ରକୁ ଉନ୍ନୀତ କରାଯାଇଛି ବୋଲି ମହିଳା ଓ ଶିଶୁ ବିଭାଗ ଦାୟିତ୍ୱରେ

ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି । ବିଧାନସଭାରେ କାଲି ଏ ସମ୍ପର୍କୀତ ତଥ୍ୟ ଉପସ୍ଥାପନ କରି ମନ୍ତ୍ରୀ କହିଛନ୍ତି, ଏହି ଅଙ୍ଗନବାଡି କେନ୍ଦ୍ରଗୁଡିକ ମଧ୍ୟରୁ ୫୨ହଜାର ୬୮୧ଟିର ନିଜସ୍ୱ ଘର ଥିବାବେଳେ ୪ହଜାର ୧୪୮ଟି କେନ୍ଦ୍ର ଭଡାଘରେ ଚାଲିଛି । ୩ରୁ ୬ବର୍ଷ ମଧ୍ୟରେ ୧୭ଲକ୍ଷ ୯୩ହଜାର ୨୩୨ଜଣ ଶିଶୁ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ପାଠ ପଢୁଛନ୍ତି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

## ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଯୋଜନା

ଚଳିତ ଆର୍ଥିକ ବର୍ଷରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଆରୋଗ୍ୟ ଯୋଜନା କାର୍ଡ ଲାଗୁ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ରାଜ୍ୟ ସରକାର ଏଥିପାଇଁ ବର୍ଷକୁ ୩ଶହ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିବେ । ଅତିରିକ୍ତ ବଜେଟ୍‌ରେ ଏଥିପାଇଁ ବ୍ୟୟବରାଦ କରାଯାଇଛି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ସାଢେ ତିନିକୋଟି ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଡ ମାଧ୍ୟମରେ ଦେଶର ମୋଟ ୨୭ହଜାର ସ୍ୱାସ୍ଥ୍ୟକେନ୍ଦ୍ରରେ ହିତାଧିକାରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

# ପାଚିକାଙ୍କ ମୃତ୍ୟୁକାଳୀନ ସହାୟତା ରାଶି

ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନାରେ କାର୍ଯ୍ୟରତ ପାଚିକାଙ୍କ ଚାକିରିକାଳ ମଧ୍ୟରେ ମୃତ୍ୟୁ ହେଲେ ପରିବାର ସଦସ୍ୟଙ୍କୁ ଏକ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ପାଚିକାଙ୍କ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସହାୟତା ରାଶି  ନିକଟ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରଦାନ କରାଯିବ ।

# ମାଲକାନଗିରି-ଅନୁକମ୍ପା ସହାୟତା ରାଶି

ମାଲକାନଗିରି ଜିଲ୍ଲାରେ ସଡକ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ୨ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ସୂଚନାଯୋଗ୍ୟ ମାଲକାନଗିରି ଜିଲ୍ଲାରେ ଏକ ସଡକ ଦୁର୍ଘଟଣାରେ ୩ଜଣଙ୍କର ଗତକାଲି ମୃତ୍ୟୁ ହୋଇଥିଲା ।

# ଫିଲିଗ୍ରୀ କମନ୍ ଫାସିଲିଟି କେନ୍ଦ୍ର

କଟକରେ ଏକ ଫିଲିଗ୍ରୀ କମନ୍ ଫାସିଲିଟି କେନ୍ଦ୍ର ଖୋଲିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି । କଟକ ତାରକସି କାର୍ଯ୍ୟର ଅଧିକ ପ୍ରଚାର ଏବଂ ପ୍ରସାର ଲକ୍ଷ୍ୟରେ ଏହି କେନ୍ଦ୍ର କାର୍ଯ୍ୟ କରିବ । ଏହି କେନ୍ଦ୍ର ମାଧ୍ୟମରେ ତାରକସି କାରିଗରଙ୍କୁ ଆଧୁନିକ ଜ୍ଞାନ କୌଶଳରେ ସହାୟତାରେ ପ୍ରଶିକ୍ଷଣ ଏବଂ କଞ୍ଚାମାଲ ଯୋଗାଣ ଆଦି ସୁବିଧା ଯୋଗାଇ ଦିଆଯିବ ହେବ ବୋଲି ପ୍ରଶାସନ ସୂଚନା ଦେଇଛି। ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ ଜିଲ୍ଲା ପ୍ରଶାସନ ସ୍ଥାନ ନିରୂପଣ କରିଥିବାବେଳେ ଆଇଆଇଟି ଭୁବନେଶ୍ୱର ଏହାର ରୂପରେଖ ପ୍ରସ୍ତୁତ କରିବ ।

## ଯକ୍ଷ୍ମାମୁକ୍ତ ଭାରତ

ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନକୁ ଜିଲ୍ଲା  ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଯକ୍ଷ୍ମାରୋଗୀଙ୍କ ଚିହ୍ନଟ ଏବଂ ଏହାର ନିରାକରଣ ଦିଗରେ ବିଭିନ୍ନ ପଦକ୍ଷେପ ନେଇ ଆଲୋଚନା ହୋଇଛି । ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଭ୍ରାମ୍ୟମାଣ ଗାଡିକୁ ସିଡିଏମଓ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ଖାଦ୍ୟ ସୁରକ୍ଷା

ଜାତୀୟ ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟକାରିତା ନେଇ ଏକ ସମୀକ୍ଷା ବୈଠକ ସମ୍ବଲପୁର ଏସ.ଏସ.ଏ. ସମ୍ମିଳନୀ କକ୍ଷଠାରେ ଗତକାଲି ଅନୁଷ୍ଠିତ ହୋଇଛି । ଓଡିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଞ୍ଜିନିୟର ଅବନୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ସହିତ ଇ-କେଓ୍ୱାଇସି ଯାଞ୍ଚ, ମମତା ହିତାଧିକାରୀଙ୍କ ସ୍ଥିତି, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।

## ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଚଳିତ ଶିକ୍ଷା ବର୍ଷରେ ବିଦ୍ୟାଳୟସ୍ତରରେ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ନିମ୍ନ ମାଧ୍ୟମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ପିଛା ୫ହଜାର ଟଙ୍କା ଖର୍ଚ୍ଚର ଅଟକଳ କରାଯାଇଛି। ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ଏ ନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ପ୍ରଶିକ୍ଷଣ ପ୍ରଦାନ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ।

## ସୂର୍ଯ୍ୟମନ୍ଦିର ସ୍ଥିତି ସମୀକ୍ଷା

ଭାରତୀୟ ସର୍ବେକ୍ଷଣ ସଂସ୍ଥାର ଏକ କମିଟି ଗତକାଲି କୋଣାର୍କ ସୂର୍ଯ୍ୟମନ୍ଦିରର ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ସଂସ୍ଥାର ଏଡିଜି ଜାନଭିଜ

ଶର୍ମାଙ୍କ ନେତୃତ୍ୱରେ ଏହି କମିଟି ମନ୍ଦିର ଚୂଡାର ଉପରିଭାଗ ମେକାନିକାଲ ଷ୍ଟ୍ରକ୍ଚର ଆଦି ବିଭିନ୍ନ ବିଷୟ ଉପରେ ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ କମିଟିର ସଦସ୍ୟମାନେ ଯୋଗଦେଇ ମନ୍ଦିର ସୁରକ୍ଷା ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।